**ସୁନାଗହଣା ଚୋରି ଅଭିଯୋଗ**

ଜୟପୁର,(ପବନ ପାଣିଗ୍ରାହୀ)-ଜୟପୁର ସଦର ଥାନା ଅଧୀନ ଅନ୍ତା ଗ୍ରାମରେ ଜଣଙ୍କ ଘରେ ଦୁର୍ବୃତ୍ତମାନେ ପଶି ବେକରୁ ଦେଢତୋଲା ଓଜନର ସୁନାହାର କାଟି ନେଇଥିବା ସଦର ଥାନାରେ ମଙ୍ଗଳବାର ଅଭିଯୋଗ ହୋଇଛି। ବୋରିଗୁମ୍ମା ବ୍ଲକ ନୂଆ ଗାଁ ପଞ୍ଚାୟତ ସୀତା ଚାଲାଣ ୨୦ ତାରିଖ ରାତିରେ ଶୋଇଥିବା ବେଳେ ଦୁର୍ବୃତ୍ତମାନେ ଘରେ ପଶି ମଙ୍ଗଳସୂତ୍ର ଓ ହାର ଚୋରି କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ସଂକ୍ଷେପରେ

### ଶର୍ଟ ସର୍କିଟରୁ ଜଳିଗଲା ଚଳନ୍ତା କାର୍: ଅଳ୍ପକେ ବର୍ତ୍ତିଲେ ଦମ୍ପତି

ନନ୍ଦପୁର,୨୧।୪(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଜୟପୁର-ବିଶାଖାପାଟଣା ସଂଯୋଗୀ ପୂର୍ତ୍ତ ବିଭାଗ ଅଧୀନ ରାଜପଥର ସୁବୁଲାର ଛକ ନିକଟରେ ଏକ ଚଳନ୍ତା କାର୍ ଶର୍ଟ ସର୍କିଟରୁ ସୋମବାର ଜଳିଯାଇଛି। ଏଥିରେ ଥିବା ବାଲଡ଼ା ଗ୍ରାମର ଈଶ୍ୱର ହନ୍ତାଳ ଓ ତାଙ୍କ ସ୍ତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସୂଚନାନୁଯାୟୀ, ଦମ୍ପତି ବାଲଡ଼ାରୁ ବାହାରି ବାଞ୍ଚିଲାପୁଟ ଯାଉଥିଲେ। ସେଠାରୁ ପୁରୀ ଯିବାକୁ ବାହାରିଥିଲେ। ନନ୍ଦପୁର ପଟୁପାଡୁଆ ଯିବା ବେଳେ ଡାଇଭର୍ସନ ପାରକରିବା ବେଳେ ଶର୍ଟ ସର୍କିଟରୁ ନିଆଁ ଲାଗିଯାଇଥିଲା। ପାଡୁଆ ଥାନାଧିକାରୀ ଅଶୋକ ବିଷୋୟୀ ଓ ନନ୍ଦପୁର ଅଗ୍ନିଶମ ବାହିନୀ କେନ୍ଦ୍ରାଧିକାରୀ ହେମନ୍ତ କୁମାର ସାମଲଙ୍କ ନେତୃତ୍ୱାଧୀନ ଦଳ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କାର୍ ଭିତରେ ଥିବା ଦମ୍ପତିଙ୍କ ମୋବାଇଲ ଜଳି ନଷ୍ଟ ହୋଇଯାଇଛି।

### ଚୋରି ଗାଡ଼ି ଜବତ

ସୁନାବେଡା/ସେମିଳିଗୁଡ଼ା,୨୧।୪ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସେମିଳିଗୁଡ଼ା ଥାନା ଅଧୀନ ସରସ୍ୱତୀ ନଗର ଷଷ୍ଠ ଲେନ ଅଞ୍ଚଳର ଅଭୟ କୁମାର ସିଂହଙ୍କ ଚୋରି ହୋଇଥିବା କାର ସେମିଳିଗୁଡ଼ା ପୋଲିସ ସୋମବାର ଜବତ କରିଛି। ଏଥିରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ବଳସୁଧାର ଗୃହକୁ ପଠାଯାଇଥିବା ଥାନା ପକ୍ଷରୁ ସୂଚନା ମିଳିଛି। ଶନିବାର ରାତିରେ କେହି ଦୁର୍ବୃତ୍ତ ଅଭୟଙ୍କ ଗାଡ଼ିକୁ ତାଙ୍କ ଘର ଆଗରୁ ଚୋରି କରି ନେଇଥିଲେ। ଏ ନେଇ ସେମିଳିଗୁଡ଼ା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଥାନାରେ କେସ ନଂ ୫୮/୨୬ରେ ମାମଲା ରୁଜୁ ହୋଇଥିଲା। ଏସ ଆଇ ପ୍ରଫୁଲ୍ଲ କୁମାର ପାତ୍ର ଘଟଣାର ତଦନ୍ତ କରୁଥିଲେ। ପଚରାଉଚରା ପରେ ନାବାଳକ ଚୋରି ନେଇ ସ୍ୱୀକାର କରିଥିଲେ।

### ସିପିଆଇ ସମ୍ପାଦକ ଦିବାକର ନାୟକଙ୍କ ପ୍ରଥମ ବାର୍ଷିକୀ

ଜୟପୁର,୨୧।୪(ପବନ ପାଣିଗ୍ରାହୀ)

ଜୟପୁର ଶ୍ରମିକ କର୍ମଚାରୀ ଭବନରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପୂର୍ବତନ ରାଜ୍ୟ ସମ୍ପାଦକ, ବିଶିଷ୍ଟ ମାର୍କ୍ସବାଦୀ ତତ୍ତ୍ୱବିଦ ଓ ଜନନେତା ଦୀବାକର ନାୟକଙ୍କ ପ୍ରଥମ ବାର୍ଷିକ ସ୍ମୃତିସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ପ୍ରମୋଦ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ହୋଇଛି। ଦିବାକର ବିଶିଷ୍ଟ ମାର୍କ୍ସବାଦୀ ତତ୍ତ୍ୱବିଦ ଓ ସୁବକ୍ତା ଭାବେ ପରିଚିତ। ସେ ଅନେକ ଜନ ଆନ୍ଦୋଳନର ନେତୃତ୍ୱ ନେଇ କମ୍ୟୁନିଷ୍ଟ ପାର୍ଟିର କର୍ମୀମାନଙ୍କ ଜଣେ ଆଦର୍ଶବାଦୀ ନେତା ଥିବା ସଭ୍ୟ ମହାନ୍ତି କହିଛନ୍ତି। ସଭାରେ ସିପିଆଇ ଜିଲା ସମ୍ପାଦକ ରାମକୃଷ୍ଣ ଦାସ, ବରିଷ୍ଠ ସିପିଆଇ ନେତା ଯୁଧିଷ୍ଠିର ରାଉଳ, ଶ୍ରମିକ ନେତା ଭୁବନ କମାର ଓ ଛାତ୍ର ନେତା ଭୀଷ୍ମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# କାର୍ଯ୍ୟସ୍ଥଳ ବୁଲିଲେ ବିଧାୟକ, ଟେକ୍ନିକାଲ ଟିମ୍

**ଦମୟନ୍ତୀ ସାଗରର ଉନ୍ନୟନ କାର୍ଯ୍ୟ ବୈଠକ**

କୋଟପାଡ଼,୨୧।୪ (କେ.ରାଜଶେଖର ରାଓ)



ବୈଠକରେ ଉପସ୍ଥିତ ବିଧାୟକ ରୁପୁ ଭତ୍ରା ଓ ଅନ୍ୟମାନେ।

କୋରାପୁଟ ଜିଲା କୋଟପାଡ଼ ବିଜ୍ଞପିତ ଅଞ୍ଚଳ ପରିଷଦ ସଭାଗୃହରେ ଦମୟନ୍ତୀ ସାଗର ପୁନଃଉଦ୍ଧାର ପାଇଁ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ରୁପୁ ଭତ୍ରା, ଏମ୍‌ପି ପ୍ରତିନିଧି ରାମେଶ୍ୱର ଜେନା, ଉପାଧ୍ୟକ୍ଷା ଏମ୍. ସନ୍ତୋଷୀ କାର୍ଯ୍ୟନିର୍ବାହୀ ଅଧିକାରୀ କମଲେସ ମହନ୍ତ ପରିଷଦର ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଓ ଦମନ୍ତି ସାଗର ଉନ୍ନୟନ କମିଟି ସଦସ୍ୟମାନେ ଯୋଗଦେଇଥିଲେ। ପଙ୍କ ଉଦ୍ଧାର ସହ ଉନ୍ନତି କରଣ କାର୍ଯ୍ୟ ପାଇଁ ଜନସାଧାରଣ ଦାବି କରି ଆସୁଥିଲେ। ତତ୍କାଳୀନ ହସ୍ତତନ୍ତ ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ବିଧାନସଭାରେ ଦାବି ଉପସ୍ଥାପନା କରିଥିଲେ। ଏହା ପରେ ଦମୟନ୍ତୀ ସାଗର ପାଇଁ ୧୬ କୋଟି ୭୨ ଲକ୍ଷ ୫୬ ହଜାର ଟଙ୍କା ଆମ ପୋଖରୀ ଯୋଜନାରେ ମଞ୍ଜୁର ହେଇଥିଲା। ସହରର ମୁଖଶାଳା ଜାତୀୟ ରାଜପଥ ୬୩ ରାସ୍ତା ପାର୍ଶ୍ୱର ଦେବାନ ମୁଣ୍ଡା ପୋଖରୀ ପୁନଃଉଦ୍ଧାର ପାଇଁ ୨ କୋଟି ୫୭ ଲକ୍ଷ ୭୪ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ଏହି ସମୟରେ ଜିଲା ପ୍ରଶାସନ, ସ୍ଥାନୀୟ ପ୍ରଶାସନ ଓ ପରିଷଦ ଦ୍ୱାରା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ସାଗର ଓ ପୋଖରୀର ପଙ୍କ ଉଦ୍ଧାର ସହ ଖନନ କାର୍ଯ୍ୟ ଆରମ୍ଭ ହେଇଥିଲା। ଏହି କାର୍ଯ୍ୟ ଆରମ୍ଭ ହୋଇ ୩ ବର୍ଷ ବିତିଯାଇଥଲେ ସୁଦ୍ଧା ସାଗର ପଙ୍କ ଉଦ୍ଧାର ପାଇଁ ୪ କୋଟି, ଦେବାନମୁଣ୍ଡା ନିମନ୍ତେ ମଞ୍ଜୁର ହୋଇଥିବା ଟଙ୍କା ମଧ୍ୟରୁ ୮୦ ପ୍ରତିଶତ ଖର୍ଚ୍ଚ ହୋଇଥିବା ପରିଷଦ ପକ୍ଷରୁ ବୈଠକରେ କୁହାଯାଇଛି। ଦେବାନମୁଣ୍ଡା ପୋଖରୀର ଉନ୍ନୟନ କାର୍ଯ୍ୟ ଚାଲୁ ରହିଛି। ପରିଷଦର ୨୦ ଲକ୍ଷ ମୋ ପୋଖରୀ ଯୋଜନାରେ ମଞ୍ଜୁର ଟଙ୍କାରୁ ବଳକା ୫୦ ଲକ୍ଷ ଟଙ୍କା ମୋଟ ୭୦ ଲକ୍ଷର କାର୍ଯ୍ୟ ଚାଲୁରହିଛି। ଏହି କାର୍ଯ୍ୟ ଠିକ୍ ଭାବେ ହେଉ ନ ଥିବାରୁ ବିଧାୟକ ଅସନ୍ତୋଷ ପ୍ରକାଶ କରିଛନ୍ତି। କାହା ସ୍ୱାର୍ଥରେ ଟଙ୍କା ଖର୍ଚ୍ଚ କରାଯାଉଛି ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ସାଗର ପୁନଃରୁଦ୍ଧାର ପାଇଁ ନୂତନ ଭାବେ ୧୫୦ରୁ ୨୦୦ କୋଟି ଟଙ୍କାର ପ୍ରୋଜେକ୍ଟ ସହ ସରକାରୀ ପୁରୁଣା ରେକର୍ଡ ଅନୁସାରେ ୧୧୨ ଏକର ଜମି ଜବରଦଖଲକାରୀଠାରୁ ଉଚ୍ଛେଦ କରି ସାଗର ଜମି ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଖର୍ଚ୍ଚ କରାଯାଇଥିବା ୪ କୋଟି ଟଙ୍କା କାର୍ଯ୍ୟର ଭୁବନେଶ୍ୱରର ବ୍ରିଲିୟାଣ୍ଟ କାନ୍ସଲେଣ୍ଟ ଟିମ୍ ସହ ସାଗରର ଉପର ଓ ତଳ ମୁଣ୍ଡ ଯାଏ ବୁଲି ଦେଖିଛନ୍ତି। କାର୍ଯ୍ୟ ଠିକ ଭାବେ ହୋଇ ନ ଥିବା ଦେଖି ବିଧାୟକ ଓ ଟିମ୍ ବିରକ୍ତି ପ୍ରକାଶ କରିଥିଲେ। ଟେଣ୍ଡର ମାଧ୍ୟମରେ ପୁନଃରୁଦ୍ଧାର କାର୍ଯ୍ୟ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବାର କାଉନସିଲ ସଭାପତି ମଣି ପ୍ରସାଦ ପଟ୍ଟନାୟକ, ସାମାଜକ କର୍ମୀ ଗଣେଶ ପଣ୍ଡା, ଆଇନଜୀବୀ ପଙ୍କଜ ପାତ୍ର, ଗୌର ରଥ, ଗୌରୀ ପଟ୍ଟନାୟକ ଓ ପରିଷଦର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

**ନାବାଳିକା ଅପହରଣ, ବଳାତ୍କାର ମାମଲା**

ଜୟପୁର,୨୧।୪(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁରସ୍ଥିତ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ପୋକ୍ସୋ କୋର୍ଟରେ ନାବାଳିକା ଅପହରଣ ଓ ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ହଜାର ଟଙ୍କା ଜରିମାନାରେ ମଙ୍ଗଳବାର ଦଣ୍ଡିତ କରିଛନ୍ତି। ୨୦୨୪ରେ ପଟ୍ଟାଙ୍ଗି ଥାନା ଅଞ୍ଚଳର ନାବାଳିକାଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଅପହରଣ ଓ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏହାର ବିଚାର କରି ୧୨ଜଣ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଜୟପୁର ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ପୋକ୍ସୋ କୋର୍ଟ ଜଜ୍ ସଂଘମିତ୍ରା ଦାଶ ଶୁଣାଣି କରିଛନ୍ତି। ସେମିଳିଗୁଡ଼ା ଥାନା ଅଧୀନ ମାଝୀପୁଟ ଗ୍ରାମର ଗୋପାଳ ପାଙ୍ଗୀଙ୍କୁ ଧାରା ୩୬୬ରେ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା, ପୋକ୍ସୋ ଆଇନର ଧାରା ୪(୨)ରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ହେଲେ ଅଭିଯୁକ୍ତଙ୍କୁ ୧୫ ମାସ ଅଧିକ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟ ଦେଇଛନ୍ତି। ଆଦାୟ ଜରିମାନା ଟଙ୍କା ସହ ସରକାରଙ୍କ ପକ୍ଷରୁ ଜିଲା ଆଇନ ସେବା ପ୍ରାଧିକରଣ ମାଧ୍ୟମରୁ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ପି.ସନ୍ନ୍ୟାସୀ ରାଓ ମାମଲା ପରିଚାଳନା କରୁଥିଲେ।

# ପଞ୍ଚାୟତ ପ୍ରଶାସନ ପକ୍ଷରୁ ଖୋଲାଗଲା ଜଳଛତ୍ର

ନନ୍ଦପୁର,୨୧।୪(ତୁଷାର କାନ୍ତ ମହାନ୍ତି)

**ଧରିତ୍ରୀ ପ୍ରଭାବ**



କୋରାପୁଟ ଜିଲା ନନ୍ଦପୁର ହାଟପଦା ସମେତ ବିଭିନ୍ନ ସ୍ଥାନରେ ପଞ୍ଚାୟତ ପ୍ରଶାସନ ପକ୍ଷରୁ ଜଳଛତ୍ର ଖୋଲି ଲୋକଙ୍କୁ ମାଟିହାଣ୍ଡି ପାଣି ଯୋଗାଇବା ମଙ୍ଗଳବାର ବ୍ୟବସ୍ଥା କରାଯାଇଛି। ବ୍ଲକ୍ ପ୍ରଶାସନ ଖରାର ପ୍ରକୋପ, ଅଂଶୁଘାତରୁ ରକ୍ଷା କରିବାକୁ ରାସ୍ତାଘାଟ, ହାଟବଜାରରେ ଜଳଛତ୍ର ଖୋଲୁ ନ ଥିବା ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହା ପରେ ପ୍ରଶାସନ ଓ ଅଞ୍ଚଳର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସେହିପରି ସାଇ ମନ୍ଦିର ସମ୍ମୁଖରେ ଶ୍ରୀସତ୍ୟସାଇ ଭଜନ ମଣ୍ଡଳୀ ପକ୍ଷରୁ ଜଳଛତ୍ର ଖୋଲି ରାସ୍ତାରେ ଯାତାୟାତ କରୁଥିବା ଛାତ୍ରୀଛାତ୍ର ଓ ପଥଚାରୀଙ୍କୁ ପାନୀୟ ଜଳ ଯୋଗାଣ କରାଯାଇଛି।

# ୨ ୱାର୍ଡର କାର୍ଯ୍ୟରୁ ନିଲମ୍ବିତ, ୪ ଜମାଦାରଙ୍କୁ କାରଣ ଦର୍ଶାଅ ନୋଟିସ

କୋରାପୁଟ,୨୧।୪(ଅମିତାଭ ବେହେରା)

**କଏଦୀଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା**

କୋରାପୁଟ ମଣ୍ଡଳ କାରାଗାରରେ ପାଣିଟାଙ୍କି ଉପରୁ ଡେଇଁ ଆତ୍ମହତ୍ୟା ଉଦ୍ୟମକରି ଗୁରୁତର ଥିବା ଘଟଣାରେ ଜେଲର ୨ ୱାର୍ଡର ବିଶ୍ୱନାଥ ବୈରାଗୀ ଓ ପୁରେନ୍ଦର ମାହାଲିଆଙ୍କୁ ମଙ୍ଗଳବାର ନିଲମ୍ବନ କରାଯାଇଛି। ୪ ଜମାଦାରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ମଣ୍ଡଳ କାରଗାର ଅଧୀକ୍ଷକ କୁଆଁର ମାରାଣ୍ଡି ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ୧୬ ତାରିଖ ସନ୍ଧ୍ୟାରେ ଧନୁର୍ଜୟ ମାଝୀ ନାମକ ଜଣେ କଏଦୀ କାରାଗାର ମଧ୍ୟରେ ଥିବା ଏକ ପାଣିଟାଙ୍କିରୁ ତଳକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ କାରାଗାର କର୍ତ୍ତୃପକ୍ଷ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ବର୍ତ୍ତମାନ ମଧ୍ୟ ଧନୁର୍ଜୟଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ତେବେ ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନାହିଁ। ଧନୁର୍ଜୟଙ୍କ ପେଟ ବ୍ୟଥା ଥିବାରୁ ପରିବାର ଲୋକେ ତାଙ୍କୁ ସାକ୍ଷାତ କରିବାକୁ ଆସି ୧ ନମ୍ବର ୱାର୍ଡରେ ରହିଥିଲେ ସୁଦ୍ଧା ସନ୍ଧ୍ୟା ଯାଏ ସାକ୍ଷାତ କରିବାକୁ ଦିଆଯାଇ ନ ଥିବାରୁ ଏଥିରେ ମର୍ମାହତ ହୋଇ ଏଭଳି ପଦକ୍ଷେପ ନେଇଥିବା ଅଭିଯୋଗ ହୋଇଥିଲା। ଘଟଣା ପୂର୍ବଦିନ ରାତିରେ ଧନୁର୍ଜୟ ଲୁଚିଯାଇଥିବା କାରା ଅଧୀକ୍ଷକ ମାରାଣ୍ଡି ସୂଚନା ଦେଇଥିଲେ।

# ଜିଲାସ୍ତରୀୟ ସମବାୟବିତ୍ ସମ୍ମିଳନୀ

ଜୟପୁର,୨୧।୪(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା କଂଗ୍ରେସ କମିଟି ନେତୃତ୍ୱରେ ଜୟପୁର ସ୍ଥିତ କଂଗ୍ରେସ ଭବନ ପରିସରରେ ଜିଲାସ୍ତରୀୟ ସମବାୟବିତ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ ଚାଷୀ ସମସ୍ୟା ଓ ସମବାୟ ସମସ୍ୟା ନେଇ ଆଲୋଚନା ହୋଇଥିଲା। ବିଜେଡି ଓ ଭାଜପା ଶାସନ କାଳରେ ସମବାୟ ସଂସ୍ଥାକୁ ନେତା ଓ ମନ୍ତ୍ରୀମାନେ କବଜାରେ ରଖିବାକୁ ଚାହୁଁଛନ୍ତି। ସମବାୟ ସଂସ୍ଥା ସାଧାରଣ କୃଷକଙ୍କ ଜୀବନଜୀବିକାର ପେଣ୍ଠସ୍ଥଳ। ସମବାୟସମିତି ରକ୍ଷା କବଚକୁ ପ୍ରତ୍ୟାଖ୍ୟାନ କରାଯାଉଥିବାରୁ କଂଗ୍ରେସ ଏହାର ଜବାବ ଦେବ ବୋଲି କୁହାଯାଇଛି। ଜିଲାର ସମସ୍ତ ବ୍ଲକରେ ସମବାୟବିତମାନଙ୍କୁ ଚିହ୍ନଟ କରାଯିବ, ରବି ଋତୁରେ ଅନେକ ଚାଷୀ ନାମ ପଞ୍ଜିକରଣ କରିନାହାନ୍ତି। ରବିଚାଷ ପାଇଁ ସମସ୍ତଙ୍କ ନାମ ପଞ୍ଜୀକରଣ କରିବା, ଚାଷିଙ୍କୁ ମାସିକ ପେନସନ ବାବଦରେ ୫ହଜାର ଦେବା ଆଦି ଦାବି କରାଯାଇଛି। ଜିଲାରେ ଶୀତଳ ଭଣ୍ଡାର ନାହିଁ, ଆରଏମସି ଅଚଳ ଅବସ୍ଥାରେ ଥିବାରୁ ଏଥିପ୍ରତି କଂଗ୍ରେସ ସ୍ୱର ଉଠାଉଛି ବୋଲି ସେ କହିଛନ୍ତି। ଏଥିରେ ଜିଲା କଂଗ୍ରେସ କମିଟି ସଭାପତି ରୁପକ ତୁରୁକ, ଜୟପୁର ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ପୂର୍ବତନ ବିଧାୟକ ନିମେଇଁ ସରକାର ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳା ସଂରକ୍ଷଣ ବିଲ୍ ନେଇ କଂଗ୍ରେସର ଖବରଦାତା ସମ୍ମିଳନୀ



ଖବରଦାତା ସମ୍ମିଳନୀରେ କଂଗ୍ରେସର ନେତା ଓ କର୍ମୀମାନେ।

କୋରାପୁଟ,୨୧।୪( ଅମିତାଭ ବେହେରା)

ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ କୋରାପୁଟ ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ପ୍ରେସ କ୍ଲବରେ ଜିଲା କଂଗ୍ରେସ ସଭାପତି ରୂପକ ତୁରୁକଙ୍କ ଅଧ୍ୟକ୍ଷତାରେ ଖବରଦାତା ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ବିଧାୟକ ଦଳ ନେତା ତଥା ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, ପ୍ରଦେଶ କଂଗ୍ରେସ ସଦସ୍ୟ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା, ମନୋଜ ଆଚାର୍ଯ୍ୟ ଓ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହୀନୀପତି ମହିଳା ସଂରକ୍ଷଣକୁ ସୀମା ନିର୍ଦ୍ଧାରଣକୁ ନେଇ ଭାଜପାର ଭ୍ରମାତ୍ମକ ସୂଚନାକୁ ଉପସ୍ଥାପନ କରିଥିବା କହିଛନ୍ତି। କଂଗ୍ରେସ ମହିଳା ସଂରକ୍ଷଣ ବିଲକୁ ବିରୋଧ କରୁନଥିବା ସ୍ପଷ୍ଟ କରିଥିଲେ। କେବଳ ତରବରିଆ ଭାବେ ସୀମା ନିର୍ଦ୍ଧାରଣ ବିଲ ଉପସ୍ଥାପନାକୁ ବିରୋଧ କରିଛି ବୋଲି କହିଛନ୍ତି।

# ପୂର୍ବତନ ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

କୋରାପୁଟ ୨୧।୪(ଅମିତାଭ ବେହେରା)

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡ.ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀ କୋରାପୁଟସ୍ଥିତ ଆର୍ଟ ଅଫ ଗ୍ୟାଲେରୀରେ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ତପନ କୁମାର ନାୟକ ସ୍ୱର୍ଗତ ତ୍ରିପାଠୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେ ଅବିଭକ୍ତ କୋରାପୁଟ ଜିଲାର ପ୍ରଥମ ବ୍ୟକ୍ତି ଭାବେ ମୁଖ୍ୟମନ୍ତ୍ରୀ ହୋଇ ଜିଲାର ଗର୍ବ ଓ ଗୌରବ ଅର୍ଜନ କରିଥିଲେ। ତାଙ୍କର ସମାଜସେବା ମନୋଭାବ ପ୍ରତି ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ରବି ଶତପଥୀ, ଶିକ୍ଷକ ବିଜୟ କୁମାର ପ୍ରଧାନ, ରମେଶ ଚନ୍ଦ୍ର ସାହୁ, ଖବରଦାତା ଭବାନୀ ଶଙ୍କର ମିଶ୍ର, ରଞ୍ଜନ କୁମାର ଦାସ, ଅମିତାଭ ବେହେରା, ଏସ୍‌ଡିପିଆରଓ ରାଧାରାଣୀ ସରକାର ପ୍ରମୁଖ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର କରସୁଧା ପଟ୍ଟନାୟକ, ସନ୍ତୋଷ କୁମାର ସେଠୀ ପ୍ରମୁଖ ସହଯୋଗ କରିଥିଲେ।

# ଶେଷବର୍ଷ ଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ସୁନାବେଡା,୨୧।୪(କୃତ୍ତିବାସ ପ୍ରଧାନ)

ସୁନାବେଡ଼ା ମହିଳା ସ୍ନାତକ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗର ଶେଷବର୍ଷ ଛାତ୍ରୀମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କଲେଜ ଅଧ୍ୟକ୍ଷା ଉଷାରାଣୀ ଦାସ ଛାତ୍ରୀମାନଙ୍କୁ ମନୋବଳ ଦୃଢ଼ କରିବା ଓ ଉଚିତ୍ ମାର୍ଗ ଅନୁସରଣ କରି ଉପସ୍ଥିତ ବୁଦ୍ଧି ପ୍ରୟୋଗରେ ପ୍ରତି ଛାତ୍ରୀ ଜୀବନରେ ସଫଳ ହୋଇପାରିବେ ବୋଲି କହିଛନ୍ତି। ରାଜନୀତି ବିଜ୍ଞାନର ଅଧ୍ୟାପିକା ସରିତା ପରିଡା ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ଆଲୋକ କୁମାର ଥାନପତି, ଅଧ୍ୟାପିକା ବାସନ୍ତୀ ପଟ୍ଟନାୟକ, ଶୁଭଶ୍ରୀ ପରିଡ଼ା, ବିନୁ ପ୍ରଧାନ, ସୁଜ୍ଞାନି ମଞ୍ଜରୀ ଦାସ, ଡେମନଷ୍ଟ୍ରେଟର ଲକ୍ଷ୍ମୀ ପ୍ରିୟା ଚୌଧୁରୀ ଯୋଗଦେଇଥିଲେ। ପ୍ରଥମ ବର୍ଷର ରୁକସାର୍ ବାଘ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଦ୍ୱିତୀୟ ବର୍ଷ ଛାତ୍ରୀ ସସ୍ମିତା ହନ୍ତାଳ ଧନ୍ୟବାଦ ଦେଇଥିଲେ।

# ଉନ୍ନୟନ କାମ ସମ୍ପୂର୍ଣ୍ଣ ପୂର୍ବରୁ ଟଙ୍କା ଉଠାଣ ଅଭିଯୋଗ

କୋଟପାଡ଼, ୨୧।୪ (କେ.ରାଜଶେଖର ରାଓ)

**ଉଚ୍ଚସ୍ତରୀୟ ତଦନ୍ତ ଦାବିକଲା ଠିକାଦାର ସଂଘ**

କୋରାପୁଟ ଜିଲା କୋଟପାଡ଼ ବନ ବିଭାଗର ଉନ୍ନୟନ କାର୍ଯ୍ୟରେ ୪୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବିନା କାର୍ଯ୍ୟରେ ଉଠାଯାଇଥିବା ଅଭିଯୋଗ ହୋଇଛି। କୋଟପାଡ଼ ବ୍ଲକ ଏସ୍‌ବି ନୂଆଗାଁ ପଞ୍ଚାୟତ ଝିଡ଼ିଙ୍ଗିଗୁଡା ଜଙ୍ଗଲ ନିକଟ କୋଲାବ ଓ ଜଉଁରା ନଦୀ ପାର୍ଶ୍ୱ ପତରା ଶାଳ ଜଙ୍ଗଲ ନିକଟରେ ଏକ ପର୍ଯ୍ୟଟନ କେନ୍ଦ୍ର ଓ ପାର୍କ ନିର୍ମାଣ ପାଇଁ ୨୦୨୪/୨୫ରେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି ସ୍ଥାନରେ କାର୍ଯ୍ୟ ଆରମ୍ଭ କରିବା ପାଇଁ ୪୬ ଲକ୍ଷ ଟଙ୍କା ମଞ୍ଜୁର ହୋଇ ବନ ବିଭାଗ ପକ୍ଷରୁ ଟେଣ୍ଡର ହୋଇଥିଲା। କିନ୍ତୁ କାମ ନିମ୍ନମାନର ହେବା ସହ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା ପୂର୍ବରୁ ଟଙ୍କା ଉଠାଯାଇଥିବା ଅଭିଯୋଗ ହେଉଛି। ଏ ନେଇ କୋଟପାଡ଼ ଠିକାଦାର ସଂଘ ଜୟପୁର ଡିଏଫଓ ପ୍ରତାପ ଚନ୍ଦ୍ର ବେହେରାଙ୍କୁ ତଦନ୍ତ କରିବାକୁ ଲିଖିତ ସୋମବାର ଅଭିଯୋଗ କରିଥିଲେ। ଡିଏଫଓ ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି କହିଥିବା ସଂଘ ସଭାପତି ଶିବ ପଟ୍ଟନାୟକ କହିଛନ୍ତି। ମଙ୍ଗଳବାର ପୁଣି ଏହି କାମରେ ମିଛ ବିଲ କରି ଟଙ୍କା ଉଠାଯାଇଥିବା କୋଟପାଡ଼ ବନ ବିଭାଗ କାର୍ଯ୍ୟାଳୟକୁ ଯାଇ ଠିକାଦାର ସଂଘ ତଦନ୍ତ କରିବାକୁ ରେଞ୍ଜର ବିଦ୍ୟୁତ ବିଶ୍ୱାସଙ୍କୁ ଅଭିଯୋଗ କରିଥିଲେ। କିନ୍ତୁ ସେ ଗ୍ରହଣ ନ କରି କାର୍ଯ୍ୟାଳୟ ବାହାରକୁ ଚାଲି ଯାଇଥିବା ଜଣାପଡ଼ିଛି। ଏଥିରେ ବନ ବିଭଗ କର୍ମଚାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ଫଲ୍ସ ବିଲ କରାଯାଇଥିବା ଠିକାଦାର ସଂଘ ଅଭିଯୋଗ କରିଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଭିଜିଲାନ୍ସ ନିକଟକୁ ଯିବୁ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ କୋଟପାଡ଼ ବନ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ଖବର ଜଣାପଡିବା ପରେ ବିଲକୁ ଅଟକାଇ ଦିଆଯାଇଥିବା କହିଛନ୍ତି।



ଚାଲିଥିବା ଉନ୍ନୟନ କାର୍ଯ୍ୟ।

# ୩୩ ଯୋଡ଼ାଙ୍କ ସାମୂହିକ ବିବାହ ସମ୍ପନ୍ନ

**ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା**

କୋରାପୁଟ,୨୧।୪ (ଅମିତାଭ ବେହେରା)




କାର୍ଯ୍ୟକ୍ରମରେ ଅତିଥି କନ୍ୟାଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅଧୀନରେ କୋରାପୁଟ ଦକ୍ଷତା ବିକାଶ କେନ୍ଦ୍ରରେ ଜିଲାସ୍ତରୀୟ ସମୂହ ବିବାହ କାର୍ଯ୍ୟକ୍ରମରେ ୩୩ ଯୋଡ଼ା ବରବଧୂ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଏଥିରେ କୋରାପୁଟ ବିଧାୟକ ରଘୁରାମ ମାଛ ନବଦମ୍ପତିଙ୍କୁ ଆଶୀର୍ବାଦ କରିଥିଲେ। ଏହି ଯୋଜନା ବାଲ୍ୟବିବାହ ଓ ଯୌତୁକ ପ୍ରଥା ବିରୋଧରେ ଏକ ସାମାଜିକ ସନ୍ଦେଶ ସହ କନ୍ୟାମାନଙ୍କ ସମ୍ମାନ ସୁନିଶ୍ଚିତ କରିବାରେ ଦୃଢ଼ ପଦକ୍ଷେପ ବୋଲି ଜିଲାପାଳ ମନୋଜ ସତ୍ୟବାନ ମହାଜନ କହିଛନ୍ତି। ଜିଲା ପରିଷଦ ସଭାପତି ସସ୍ମିତା ମେଲେକା ଲୋକମାନଙ୍କୁ ଯୋଜନା ନେଇ ସଚେତନ ହେବାକୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ଜନପ୍ରତିନିଧି ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଯୋଜନାରେ ପ୍ରତି କନ୍ୟାଙ୍କୁ ୬୦ ହଜାର ଟଙ୍କା ସହାୟତା ଦିଆଯାଉଛି। ଏଥିରୁ ୪୫ ହଜାର ଟଙ୍କା ସିଧାସଳଖ ଖାତାକୁ ଓ ୧୫ ହଜାର ଟଙ୍କା ବିବାହ ବ୍ୟୟ ପାଇଁ ବ୍ୟବହାର କରାଯାଉଛି। ଶୋଭା ଫାଉଣ୍ଡେଶନ ଓ ଜିଲା ପ୍ରଶାସନଙ୍କ ସହଯୋଗରେ ସମ୍ପନ୍ନ ହୋଇଥିଲା। ନବଦମ୍ପତିମାନେ ଯୌତୁକ ପ୍ରଥା ବିରୋଧରେ ପ୍ରତିଜ୍ଞା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

